# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27 November – 2025

*********************************

## ମୁଖ୍ୟ ସମ୍ବାଦ

- ୨୦୩୬ ମସିହା ସୁଦ୍ଧା ସୁସମୃଦ୍ଧ ଓଡ଼ିଶା ଗଠନ ହୋଇପାରିଲେ ବିକଶିତ ଭାରତ ପାଇଁ ଶ୍ରେଷ୍ଠ ଅବଦାନ ହେବ; କହିଲେ ରାଷ୍ଟ୍ରପତି

– ସପ୍ତଦଶ ବିଧାନସଭାକୁ ଦେଲେ ସମ୍ବୋଧନ; ରାଷ୍ଟ୍ରକୁ ସର୍ବୋପରି ରଖି କାର୍ଯ୍ୟ କରିବାକୁ ଜନପ୍ରତିନିଧିଙ୍କୁ ଆହ୍ୱାନ

- ବିଧାନସଭାରେ ଆସନ୍ତାକାଲି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

- ଦିବ୍ୟାଙ୍ଗଙ୍କ ପାଇଁ ଆରମ୍ଭ ହେଲା ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡ଼ି ବୃଦ୍ଧି ପାଇବା ନେଇ ୪ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି

# ବିଧାନସଭା ଅଧିବେଶନ

ଓଡ଼ିଶା ୨୦୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ଏହି ସମୟ ସୁଦ୍ଧା ସୁସମୃଦ୍ଧ ଓଡ଼ିଶା ଗଠନ ହୋଇପାରିଲେ ବିକଶିତ ଭାରତ ପାଇଁ ଶ୍ରେଷ୍ଠ ଅବଦାନ ହେବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନକୁ ଆଜି ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ଭାରତ ଆଜି ବିଜ୍ଞାନ, ମହାକାଶ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତା ଆଦି କ୍ଷେତ୍ରରେ ବିଶେଷ ଅଗ୍ରଗତି ହାସଲ କରିଛି। ଦେଶରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ହେବା ସହ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ପ୍ରଗତି ହୋଇଛି। ଏହା ବିକଶିତ ଭାରତର ପ୍ରାକ୍ ପ୍ରସ୍ତୁତି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ କରିବାକୁ ହେଲେ ରାଷ୍ଟ୍ରକୁ ସର୍ବୋପରି ରଖି କାର୍ଯ୍ୟ କରିବାକୁ ହେବ। ଭାରତ ବିଶ୍ୱର ସର୍ବବୃହତ ଗଣତନ୍ତ୍ର। ଜନଗଣ ହେଉଛନ୍ତି ଭାରତର ଭାଗ୍ୟ ବିଧାତା। ଜନପ୍ରତିନିଧିମାନଙ୍କୁ  ଲୋକଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି।

**- V/O -**

ଶ୍ରୀମତୀ ମୁର୍ମୁ କହିଛନ୍ତି, ଓଡ଼ିଶା କେବଳ ପ୍ରାଚୀନ ଭୂମିଖଣ୍ଡ ବା ଆଧୁନିକ ପ୍ରଦେଶ ନୁହେଁ ବରଂ ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରବାହ। ଭାରତର ସଭ୍ୟତାଗତ ମୂଲ୍ୟବୋଧକୁ ଓଡ଼ିଶା ପରିଭାଷିତ କରିଛି। ଦେଶର

ସ୍ୱାଧୀନତା ସଂଗ୍ରାମ ଏବଂ ରାଷ୍ଟ୍ର ଗଠନରେ ଓଡ଼ିଶାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ନାରୀ ସଶକ୍ତୀକରଣ କ୍ଷେତ୍ରରେ ମଧ୍ୟ ଏହି ରାଜ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଆସୁଛି। ଓଡ଼ିଶା ବିଧାନସଭାରେ ମହିଳା ପ୍ରତିନିଧିତ୍ୱର ଦୀର୍ଘ ଇତିହାସ ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି।

କେନ୍ଦ୍ର ତଥା ରାଜ୍ୟ ସରକାର ଲୋକଙ୍କ ବିକାଶ ପାଇଁ ଅନେକ ଉନ୍ନୟନମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଓଡ଼ିଶାର ବିକାଶକୁ ବ୍ରତ ଭାବରେ ଗ୍ରହଣ କରି ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

ଅଧିବେଶନକୁ ସମ୍ବୋଧିତ କରି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି, ଓଡ଼ିଶା ବିଧାନସଭାକୁ ରାଷ୍ଟ୍ରପତି  ସମ୍ବୋଧନ ଦେବା ଏକ ଐତିହାସିକ ମୁହୂର୍ତ୍ତ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶାର ଗଣତାନ୍ତ୍ରିକ ଇତିହାସରେ ଆଜିର ଦିନଟି ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିବ। ରାଷ୍ଟ୍ରପତି ଓଡ଼ିଶା ବିଧାନସଭାରୁ ସକ୍ରିୟ ରାଜନୈତିକ ଜୀବନୀ ଆରମ୍ଭ କରିଥିଲେ। ତାଙ୍କର ମାର୍ଗଦର୍ଶନ ରାଜ୍ୟ ସରକାର ତଥା ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବିଧାନସଭାର ଶୀତକାଳୀନ ଅଧିବେଶନରେ ଆଜି ଗୃହକାର୍ଯ୍ୟ ଆରମ୍ଭ ହେବାପରେ ଦିଂବଗତ ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଗୃହରେ ୨୦୨୫-୨୬ ଆର୍ଥିକବର୍ଷ ଲାଗି ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି । ଅଧିବେଶନ ଆସନ୍ତା ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୨୯ଟି କାର୍ଯ୍ୟଦିବସ ରହିଛି ।

HS

## କଳିଙ୍ଗ ନିବାସ ଉଦ୍‌ଘାଟନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱର ରାଜଭବନ ପରିସରରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିଥିଲେ । ଏଥିରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପାରମ୍ପରିକ ସ୍ଥାପତ୍ୟ ପ୍ରତିଫଳିତ ହୋଇଛି । ଅତିଥି ନିବାସର ବାହାର ଓ ଭିତର ପାର୍ଶ୍ୱରେ ବିଭିନ୍ନ ଚିତ୍ରକଳା ଅଙ୍କନ କରାଯାଇଛି । ସୂଚନାଯୋଗ୍ୟ, କଳିଙ୍ଗ ଅତିଥି ନିବାସର ଭିତ୍ତିପ୍ରସ୍ତର ସ୍ଥାପନ ନିଜେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କରିଥିଲେ । ଉଦ୍‌ଘାଟନ ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

I&PR

# ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନିରନ୍ତର ପୁର୍ନବାସ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଶିଶୁମାନଙ୍କର ପ୍ରଥମରୁ ଉପଯୁକ୍ତ ଯତ୍ନ ଓ ଚିକିତ୍ସା ଉପଲବ୍ଧ କରାଇପାରିଲେ ଭିନ୍ନକ୍ଷମତାକୁ ନିୟନ୍ତ୍ରଣ କରାଯାଇପାରିବ । ଚଳିତ ବର୍ଷର ଶୀର୍ଷକ 'ବହୁବିଧ ଭିନ୍ନକ୍ଷମତା ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ ରହିଥିବାବେଳେ ଆଜିର ସମୟରେ ଏହା ପ୍ରାସଙ୍ଗିକ' ବୋଲି ମନ୍ତ୍ରୀ କହିଛନ୍ତି । ଶ୍ରୀ ଗଣ୍ଡ କହିଛନ୍ତି, ରାଜ୍ୟ ସରକାର ଜିଲ୍ଲା ଓ ବ୍ଲକସ୍ତରରେ ଦିବ୍ୟାଙ୍ଗ ପିଲାଙ୍କ ଉପଚାର ପାଇଁ ପୁନର୍ବାସ କେନ୍ଦ୍ର ଖୋଲିଛନ୍ତି । ଦିବ୍ୟାଙ୍ଗଙ୍କ ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପର ସଫଳ ରୂପାୟନ ପାଇଁ ମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

I&PR

# ସହରାଞ୍ଚଳ ନୀତି

ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି, ସମାନ ଓ ସୁରକ୍ଷା ରୂପରେଖ ପ୍ରସ୍ତୁତ କରିବା ଜରୁରୀ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ି କହିଛନ୍ତି । ବେଙ୍ଗାଲୁରୁସ୍ଥିତ ଭାରତୀୟ ମାନବ ବସତି ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ

ସହରାଞ୍ଚଳ ନୀତି ସମ୍ପର୍କରେ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି, ସହର ପରିକଳ୍ପନା ସ୍ଥିର, ବାତ୍ୟା ନିରୋଧୀ ଓ ନାଗରିକ କୈନ୍ଦ୍ରିକ ହେବା ଆବଶ୍ୟକ। ସହରଗୁଡ଼ିକ କେବଳ ଏକ ଭୌତିକ ସଂରଚନା ନୁହେଁ। ଏହା ଏକ ସାମାଜିକ ଇକୋସିଷ୍ଟମ, ଆକାଂକ୍ଷା ଓ ସୁଯୋଗର ସମାହାର ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। ସେ କହିଛନ୍ତି, ଓଡ଼ିଶା ପ୍ରଯୁକ୍ତିବିଦ୍ୟା ସମର୍ଥିତ, ଗୋଷ୍ଠୀ ସହଭାଗୀ ଓ ସୁଧାରମୁଖୀ ନଗର ବିକାଶ ଦିଗରେ ଅଗ୍ରସର। ଓଡ଼ିଶା ଲୋକମାନଙ୍କୁ ସଶକ୍ତ କରୁଥିବା ସମ୍ଭାବନା ଓ ସୁଯୋଗରେ ଭରପୁର ଭବିଷ୍ୟତମୁଖୀ ସହର ଗଢ଼ିବା ପାଇଁ ସଂକଳ୍ପବଦ୍ଧ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

PR

## ଶୂନ ମୃତାହତ ପକ୍ଷ

ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟ ନେଇ ପାଳନ କରାଯାଉଥିବା ଶୂନ ମୃତାହତ ପକ୍ଷ ସମୟରେ ପ୍ରଥମ ପର୍ଯ୍ୟାୟରେ ୨୪୧ଟି ଯାନର ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ କରାଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ବେପାରୁଆ ଗାଡ଼ିଚାଳକଙ୍କ ବିରୁଦ୍ଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଲାଗି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଶୂନ ମୃତାହତ ପକ୍ଷ ପାଳନ କରାଯିବ।

Boudh

## ପୋଷ୍ୟ ସନ୍ତାନ ମାସ

ବୌଦ୍ଧ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ମାସ ଉପରେ

ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ନିଜର ଦାୟିତ୍ୱ ସୂଚାରୁରୂପେ ସମ୍ପାଦନ କଲେ ଶିଶୁମାନଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ବୋଲି କହିଛନ୍ତି । କାର୍ଯ୍ୟକ୍ରମର ବିଭିନ୍ନ ପ୍ରଶାସନିକ ଅଧିକାରୀମାନେ ଶିଶୁ ସୁରକ୍ଷା ଆଇନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଏକ ପୋଷ୍ୟ ସନ୍ତାନ ସଚେତନତା ରଥ ଉଦ୍‌ଘାଟିତ ହୋଇଥିଲା ।

Nuapada

## ଶ୍ରୀଅନ୍ନ ଅଭିଯାନ

ନୂଆପଡ଼ା ସୁନାବେଡ଼ା ଅଭୟାରଣ୍ୟରେ 'ଶ୍ରୀଅନ୍ନ' ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ମାଣ୍ଡିଆ ଚାଷ ଅମଳ ନେଇ କ୍ଷେତ୍ର ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପ ଜିଲ୍ଲା କୃଷି ଅଧିକାରୀ ଉଦୟ ମଣ୍ଡଳ ଯୋଗଦେଇ ମାଣ୍ଡିଆ ମଣ୍ଡି ବିଷୟରେ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସି.ପି.ଏସ୍.ଡବ୍ଲ୍ୟୁ ସ୍ୱେଚ୍ଛାସେବୀ ସଂଗଠନ ଓ ଶତାଧିକ ମିଲେଟ୍ ଚାଷୀ ଉପସ୍ଥିତ ଥିଲେ ।

Jajpur

## ତାଲିମ କାର୍ଯ୍ୟକ୍ରମ

ଯାଜପୁର ଜିଲ୍ଲାରେ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୧୭ଟି ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ନେଇ ଆଲୋଚନା ହୋଇଥିଲା । ଏଥିରେ

ଦାରିଦ୍ର୍ୟମୁକ୍ତ, କ୍ଷୁଧାମୁକ୍ତ, ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ସ୍ୱଚ୍ଛ ଜଳ ଓ ପରିମଳ ଏବଂ ଅସମାନତା ହ୍ରାସ ଭଳି ବିଷୟ ଉପରେ ଆଲୋଚନା କରାଯାଇ ଲକ୍ଷ୍ୟ ହାସଲ ନିମନ୍ତେ ଆଲୋଚନା କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକର ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ଅଂଶଗ୍ରହଣ କରିଥିଲେ।

Sambalpur

## ନାକ୍ ମାନ୍ୟତା

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ଜାତୀୟ ମୂଲ୍ୟାଙ୍କନ ଏବଂ ମାନ୍ୟତା ପରିଷଦ ନାକ୍ ପକ୍ଷରୁ ଏ ଗ୍ରେଡ୍ ମାନ୍ୟତା ମିଳିଛି। ଗତ ଅଗଷ୍ଟ ୧୫ ତାରିଖରେ ନାକ୍ ଟିମ୍ ବିଶ୍ୱବିଦ୍ୟାଳୟ ଗସ୍ତ କରି ସ୍ଥିତି ପରଖି ଥିଲେ। ଆଜି ନାକ୍ ଟିମ୍ ପକ୍ଷରୁ ଏ ଗ୍ରେଡ୍ ମାନ୍ୟତା ମିଳିଥିବା ନେଇ ସୂଚନା ହସ୍ତଗତ ହୋଇଛି।

Boudh

## ବିଦ୍ୟାଳୟ ଅଭିଯାନ କାର୍ଯ୍ୟକ୍ରମ

ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମ ଲାଲ ଦୁବେ ବିଦ୍ୟାଳୟ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ଓ ଜିଲ୍ଲା ଶିକ୍ଷାଧିକାରୀ ବିସ୍ତୃତ ଭାବେ ଏ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷାର ନିରନ୍ତର ବିକାଶ, ଜ୍ଞାନ ବିସ୍ତାର, ଜଳବାୟୁ ପରିବର୍ତ୍ତନ, ଗୁଣାତ୍ମକ ଶିକ୍ଷା ଓ

ସୁସ୍ଥ ଜୀବନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୨୦୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

MET

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ଦୁଇ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ବୃଦ୍ଧି ପାଇବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, କନ୍ଧମାଳ ଓ କୋରାପୁଟ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।